# Akashvani, Sambalpur

## SAMBALPURI NEWS EVENING BULLETIN

## 18 August 2025- 7.02 pm- 7.12 pm.

**********************************************

୧- ରାଏଜେ ଆଏବା ମାସ୍ ମୁଲ୍ ହେବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍- ସୂଚ୍ନା ଦେଲେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

୨- ଆଏବା ନଭେମ୍ବର୍ ମାସ୍ ବଂଟାଯିବା ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଘର୍- କହେଲେ ପଂଚାୟତିରାଜ୍ ମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ନ ପ୍ରସ୍ତାବିତ୍ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓଡ଼ିଶା ଲାଗି ଗୁଟେ ପରିବର୍ତନ୍‌କାରୀ ଅନୁଷ୍ଠାନ୍ ହେବା - କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ଇଗ୍ନୋର ଡିଇସିଇ ପାଠ୍ୟକ୍ରମ୍ ଲାଗି ଉନ୍ମୋଚିତ୍ ହେଲା ଓଡ଼ିଆ ବହି ।

ଏସ୍ଆଇଆର୍ -ଓଡ଼ିଶା ଏକ୍ସ

ଓଡ଼ିଶା ନ ଆଏବା ମାସୁ ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍ଆଇଆର୍ ମୁଲ୍ ହେବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସୂଚ୍ନା ଦେଇଛନ୍ । ସେ କହିଛନ୍, ୨୪ ବଛର୍ ଉତ୍ରୁ ରାଏଜେ ଏସ୍ଆଇଆର୍ ମୁଲ୍ ହେବାର୍କେ ଯାଉଛେ । ଜାନୁଆରୀ ୭ ତାରିଖ୍ ଦିନ ଚୂଡ଼ାନ୍ତ ଯାଂଚ୍ ତାଲିକା ବାହାର୍ବା । ରାଏଜେ ବୁଥ୍ ସଂଖ୍ୟା ବଢ଼ିକରି ୩୮ ହଜାର୍ନୁ ୪୫ ହଜାର୍କେ ହେବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଗୋପାଲନ୍ କହିଛନ୍ ।

ପିଏମ୍ ଆବାସ-ପଂଚାୟତିରାଜ୍ ମନ୍ତ୍ରୀ ଏକ୍ସ

ପ୍ରଧାନ୍ମନ୍ତ୍ରୀ ଆବାସ ଗୃହ ଯୋଜ୍ନାଥି ଆଏବା ନଭେମ୍ବର୍ ମାସ୍ନୁ ଘର୍ ବାଂଟ୍ବାର୍ ପ୍ରକ୍ରିୟା ମୁଲ୍ ହେବା ବଲି ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ଭାଗ୍ ହେଇଥିବା ପରିବାର୍ ଆଉ ଦିବ୍ୟାଙ୍ଗ ହିତାଧିକାରୀମାନ୍କୁ ଭିଲ୍ ଯୋଜ୍ନା ଅଧୀନ୍ଥି ଘର୍ ଦିଆଯିବା । ସେନ୍ତା ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍ସରେ ସେପ୍ଟେମ୍ବର୍

ମାସନୁ ଅନ୍ତ୍ୟୋଦୟ ଯୋଜ୍‌ନାଥି ଘର୍ ବଂଟାଯିବ। । ପଛେ ଖେପ୍ ଖେପ୍ କରି ହିତାଧିକାରୀମାନ୍‌କୁ ଘର୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ସେତୁ ବନ୍ଧ ଯୋଜ୍‌ନା-ପଂଚାୟତିରାଜ୍ ମନ୍ତ୍ରୀ ଏକ୍ସ

ସେତୁ ବନ୍ଧ ଯୋଜ୍‌ନାଥି ରାଏଜେ ୫ ଶହ ଟା ସେତୁ ତିଆର୍ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍,୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍ ଲକ୍ଷ୍ୟ ହାସଲ୍ ଲାଗି ସର୍‌କାର୍ ୩୦ ନୁ ୪୦ ହଜାର୍ କିଲୋମିଟର୍ ରାସ୍ତା ତିଆର୍ କର୍‌ବାର୍‌କେ ଯୋଜ୍‌ନା ବନେଇଛନ୍ । ୨୦୨୯ ମସିହାତକ୍ ରାସ୍ତା ତିଆରି କାମ୍ ଶେଷ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନାଥି ୫ ହଜାର୍ କିଲୋମିଟର୍ ରାସ୍ତା ତିଆରି ସହେତେ ଇ ବଛର୍ ଶେଷ୍‌ତକ୍ ୮ ହଜାର୍ ୫ ଶହ କିଲୋମିଟର୍ ରାସ୍ତା ତିଆରି ଲାଗି ବିଭାଗ୍ ଲକ୍ଷ୍ୟ ରଖିଛେ । ପ୍ରକଳ୍ପ କାମ୍ ଅନୁଧ୍ୟାନ୍ କରିକରି ମାସ୍‌କିଆ ରିପୋର୍ଟ ଦେବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ନକ୍ଲି ସାର          ଏନ୍ଏସ୍ଡି

ନକ୍ଲି ସାର, କୀଟନାଶକ୍ ଆଉ ବିହନ୍ ତିଆର୍ କରୁଥିବା କମ୍ପାନୀମାନ୍କର ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ । ମଧ୍ୟପ୍ରଦେଶ ନ ଖରାପ ବିହନ୍ ଲାଗି ଫସଲ୍ ଖରାପ ହେବା ଅଭିଯୋଗ୍ ହେବା ଉତ୍ରୁ ସ୍ଥିତି ଅନୁଧ୍ୟାନ୍ କରି କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ୍, ନକଲି ଚାଷ୍ ଦରବ୍ ବନଉଥିବା କମ୍ପାନୀମାନଙ୍କର୍ ବିରୋଧିଥି ସାରା ଦେଶେ ଅଭିଯାନ୍ ମୁଲ୍ କରାଯିବା ବଲି କହିଛନ୍ ।

ଭାରତ୍ର ମହାକାଶ୍ ଅଭିଯାନ୍       ଏନ୍ଏସ୍ଡି

ଭାରତ ୨୦୩୫ ମସିହାତକ୍ ମହାକାଶ୍ନ ନିଜର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଥାପ୍ନା କର୍ବା ଆଉ ୨୦୪୦ ମସିହା ବେଲ୍ତକ୍ ଚନ୍ଦ୍ରପୃଷ୍ଠକେ ମୁନୁଷକୁ ପଠାବା ବଲି ବିଜ୍ଞାନ ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ । ଲୋକ ସଭା ନ ଆଏଜ୍ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ ନ ଭାରତର ପହେଲା ମହାକାଶଚାରୀ-୨୦୪୭ ତକ୍ ବିକଶିତ

ଭାରତ୍ ଲାଗି ମହାକାଶ କାର୍ଯ୍ୟକ୍ରମ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା' ବିଷୟ ଉପ୍‌ରେ ହେଇଥିବା ଖାସ୍ ଆଲୋଚନାଥି ଭାଗ୍ ନଇେକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଛନ୍, ବିକଶିତ ଭାରତ୍ ହେବାର୍ ଲାଗି ଧାରିଜ୍ ଲକ୍ଷ୍ୟ ଆଗୋନୁ ଇ ମିଶନ୍ ପୁରା କରାଯିବା । ଗଲା ୧୧ ବଛର୍ ଭିତ୍‌ରେ ଭାରତୀୟ ମହାକାଶ କ୍ଷେତ୍ରଥି ବହୁତ୍‌ଟେ ସଂସ୍କାର ଅନାଯାଇଛେ ବଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ ।

ହାଇକୋର୍ଟ ଏସ୍‌ସିଏଫ୍ ନିଯୁକ୍ତି ମାମ୍‌ଲା   କଟକ୍ ସମ୍ବାଦଦାତା

ଓଡ଼ିଶା ହାଇକୋର୍ଟ ନ ଆଏଜ୍ ଏସ୍‌ସିଏଫ୍ ଆର୍ ଫରେଷ୍ଟ୍ ରେଞ୍ଜର୍ ନିଯୁକ୍ତି ମାମ୍‌ଲାର୍ ରାୟ ପ୍ରକାଶ୍ ପାଇଛେ । ଲିଖିତ୍ ପରୀକ୍ଷାଥି ସଫଲ୍ ହେଇଥିବା ପ୍ରାର୍ଥୀମାନେ ଶାରିରୀକ ଯାଂଚ୍ ପରୀକ୍ଷାନୁ ବାଦ୍ ନାଇଁ ହେଇପାରନ୍ ବଲି ହାଇକୋର୍ଟ ରାୟଥି କହିଛନ୍ । ଲିଖିତ୍ ପରୀକ୍ଷାଥି ପାସ୍ ହେଇଥିବା କିଛି ପ୍ରାର୍ଥୀଙ୍କୁ ଉଚ୍ଚ ରକ୍ତଚାପ୍ ଦର୍ଶେଇକରି ଶାରୀରିକ ଯାଂଚ୍ ପରୀକ୍ଷାନୁ ବାଦ୍ ରଖାଯାଇଥିଲା । ବିଜ୍ଞାପନ୍ ବେଲେ ଇ ବାବ୍‌ଦେ ସୂଚ୍‌ନା ନାଇଁ ଦେଇକରି ଲିଖିତ୍ ପରୀକ୍ଷାଥି ପାସ୍ ହେଇଥିବା ପ୍ରାର୍ଥୀଙ୍କୁ ପରୀକ୍ଷାନୁ ବାଦ୍ ରଖାଯିବାର୍‌ଟା ଅନୁଚିତ୍ ଆଏ ବଲି ପ୍ରାର୍ଥୀମାନ୍‌କର୍ ଆବେଦନ୍‌ର ଶୁଣାଣି କରିକରି ହାଇକୋର୍ଟ ଇ ରାୟ ଦେଇଛନ୍ ।

କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ-ଉପମୁଖ୍ୟମନ୍ତ୍ରୀ I&PR

ସମ୍ବଲ୍‌ପୁର୍ ନ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଥାପ୍‌ନା ବାବଦ୍ ପ୍ରସ୍ତାବ୍ ଉପ୍‌ରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଲୋଚନା କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ସମୀକ୍ଷା ବୈଠକ୍‌ଥି କେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟ ଅଧିନିୟମ୍- ୧୯୯୨ର ଭିନ୍ ଭିନ୍ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇଥିଲା । ସମ୍ବଲ୍‌ପୁରର୍ ପ୍ରସ୍ତାବିତ୍ ଇ ବିଶ୍ୱବିଦ୍ୟାଳୟ ଓଡ଼ିଶା ଲାଗି ଗୁଟେ ପରିବର୍ତ୍ତନ୍‌କାରୀ ଅନୁଷ୍ଠାନ୍ ଭାବେ ପ୍ରମାଣିତ୍ ହେବା, କୃଷି ଗବେଷଣାକେ ଆଗ୍‌କେ ବଢ଼ାବା, ଚାଷୀମାନ୍‌କୁ ବର୍‌କସ୍ କର୍‌ବାର୍ ସହେତେ ସ୍ଥାୟୀ ଚାଷ୍ ପଦ୍ଧତିଥି ନୂଆଁ ସୃଜନ୍‌କେ ତହଁକାବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ବୈଠକ୍‌ଥି ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ, ଅର୍ଥ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜିବ୍ କୁମାର୍ ମିଶ୍ର, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସୁରେଶ୍ କୁମାର୍ ବଶିଷ୍ଟ ଆର୍ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ଇଗ୍ନୁର୍ ଡିଇସିଇ-ଓଡ଼ିଆ ବହି I&PR

ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ- ଇଗ୍ନୁର୍ ଡିଇସିଇ ପାଠ୍ୟକ୍ରମ୍ ଲାଗି ଓଡ଼ିଆ ବହି ଆଏଜ୍ ଉନ୍ମୋଚିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇଥି ଯୋଗ୍ ଦେଇକରି ବହିର୍ ଉନ୍ମୋଚନ୍ କରିଛନ୍ । ଇହାଦେ ଓଡ଼ିଆ ଭାଷାଥି ପଢ଼ାଯିବା । ଡିଇସିଇ ବଛର୍‌କିଆ ପାଠ୍ୟକ୍ରମ ହେଇଥିଲା ବେଲ୍‌କେ ବିଦ୍ୟାର୍ଥୀମାନେ ଯୁକ୍ତ ୨ ଉତ୍‌ରୁ ଇଗ୍ନୁଥି ନାଁ ଲେଖାବେ । ଇ ପାଠ୍ୟକ୍ରମଥି ବାଲ୍‌ବାଟିକା ଆଉ ଅଙ୍ଗନ୍‌ୱାଡ଼ିର୍ ପ୍ରଶିକ୍ଷକ୍‌ମାନେ ଉପକୃତ୍ ହେଇପାର୍‌ବେ ବଲି ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସୂଚ୍‌ନା ଅନ୍‌ସାରେ ଇଗ୍ନୁର୍ ଭିନ୍ ଭିନ୍ ପାଠ୍ୟକ୍ରମକେ ଓଡ଼ିଆ ଭାଷାଥି ପ୍ରଚଲନ୍ କର୍‌ବାର ଲାଗି ଜୁନ୍ ୯ ତାରିଖ୍ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଆଉ ଇଗ୍ନୁ ଭିତ୍‌ରେ ବୁଝାମଣା ସ୍ୱାକ୍ଷରିତ୍ ହେଇଥିଲା । ଆଗୋନୁ ଇଗ୍ନୁ ତର୍‌ଫୁ ଇ ପାଠ୍ୟକ୍ରମ ଇଂରାଜୀ, ହିନ୍ଦୀ ଆଉ ତାମିଲ ଭାଷାଥି ପଢ଼ାଯାଉଥିଲା ।

ଆଇଆଇଏମ୍‌ସି ପ୍ରତିଷ୍ଠା ଦିବସ୍ ଢେଙ୍କାନାଲ ସମ୍ବାଦଦାତା

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍ ଆଇଆଇଏମ୍‌ସି ର ପ୍ରତିଷ୍ଠା ଦିବସ୍ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଆଇଆଇଏମ୍‌ସି ଆଂଚଲିକ ନିର୍ଦ୍ଦେଶକ ପ୍ରଫେସର୍ ଆନନ୍ଦ ପ୍ରଧାନ୍, ପ୍ରତିଷ୍ଠାନ୍‌ର ପତାକା ଉତୋଳନ୍ କରିକରି ଗଣମାଧ୍ୟମ୍ ଆମ୍‌କୁ ପ୍ରଶ୍ନ ପଚ୍‌ରାବାର୍ ଅଧିକାର୍ ଦେଇଛେ ଆର୍ ଇ ଅଧିକାର୍‌ଥି କେନ୍‌ସି ବାଧା ଆସ୍‌ବାର୍ ଉଚିତ୍ ନୁହେଁ ବଲି କହିଛନ୍ । ଆକାଶ୍‌ବାଣୀ କଟକ୍‌ର ସମ୍ବାଦ ବିଭାଗ୍ ମୁଖ୍ୟ ଡକ୍ଟର୍ ସତ୍ୟ ନାରାୟଣ୍ ପଟ୍ଟନାୟକ୍ ଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କର୍ ମାର୍ଗଦର୍ଶନ୍ କରିଛନ୍ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଛନ୍ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲ୍‌ପୁର/ବୌଦ୍ଧ/ସୁବର୍ଣ୍ଣପୁର୍/ବର୍‌ଗଡ୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରଶାସନ୍‌ର ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଶିବିର୍‌ଥି ୪୬ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ୬ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ ସମ୍ବଲ୍‌ପୁର୍ ଜିଲ୍ଲା ନ ଯାତାୟତ୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ପ୍ରସ୍ତାବିତ୍ କୁଟ୍ ବସ୍ ଡିପୋର୍ ସମୀକ୍ଷା କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍ ମେଘ୍‌ଲା ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୮୫ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଚାଲିଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍‌କର୍ ସାହାଜ୍ ହିତାଧିକାରୀମାନ୍‌କୁ ବାଂଟିଥିଲେ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ଶହେ ୩ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୭ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବର୍‌ଗଡ୍ ଜିଲ୍ଲା ଅତାବିରା ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୫୩ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ୍‌ ଜିଲ୍ଲା ରିଆମାଲ୍‌ ବ୍ଲକ୍‌ ଲୁଲଙ୍ଗ ଗ୍ରାମ୍‌ ପଂଚାୟତ୍‌ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୪୫ ଟା ଅଭିଯୋଗ୍‌ ଆସିଥିଲା ।

ଶିବିର୍‌ ମାନ୍‌କେ ଜିଲ୍ଲାପାଲ୍‌ ଆର୍‌ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍‌ ମାନ୍‌କୁ ଗ୍ରହଣ୍‌ କରିକରି ତୁର୍‌ତି ସମାଧାନ୍‌ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍‌ ଦେଇଛନ୍‌ ।

ପାର୍ବତୀଗିରି-ଶ୍ରାଦ୍ଧ ସମାରୋହ ହି.ସ.

ବଲାଙ୍ଗିରର୍‌ ସ୍ୱେଚ୍ଛାସେବୀ ସଂଗଠନ୍‌ ପୂଜ୍ୟପୂଜା ସଂଗଠନ୍‌ ତର୍‌ଫୁ ପାର୍ବତୀଗିରିଙ୍କର୍‌ ୩୧ ନମ୍ବର୍‌ ଶ୍ରାଦ୍ଧ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କଂଟାବାଞ୍ଜି ବିଧାୟକ୍‌ ଲକ୍ଷ୍ମଣ ବାଗ୍‌ ମୁଖ୍ୟଅତିଥି ଆଉ ଆଘର୍‌ ପ୍ରାଧ୍ୟାପକ ଡକ୍ଟର୍‌ ପ୍ରେମ୍‌ଚାନ୍ଦ୍‌ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ୍‌ ଦେଇକରି ସ୍ୱାଧୀନତା ସଂଗ୍ରାମ୍‌ ଆଉ ସମାଜ୍‌ କଲ୍ୟାଣ୍‌ ଦିଗେ ପାର୍ବତୀଗିରିଙ୍କର୍‌ ଅବଦାନ୍‌ ବାବ୍‌ଦେ ବୁଝେଇଥିଲେ । ତାଙ୍କର୍‌ ଆଦର୍ଶ, ଜୀବନୀ, ନୀତି, ଆଝିରର୍‌ ପିଢ଼ି ଶିଖିବାର୍‌ ଜରୁରୀ ଆଏ ବଲି ଅତିଥି ମାନେ କହିଥିଲେ ।

ନୂଆଖାଇ ପ୍ରତିଯୋଗିତା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ଠାନେ ନୂଆଖାଇ ଆଘୋନୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ । ସିନାପାଲି ଗାୟତ୍ରୀ ମନ୍ଦିର୍ ପରିସର୍ ନ ମହିଳାମାନ୍‌କର୍ ଭିତ୍‌ରେ ଆଏଜ୍ ପ୍ରତିଯୋଗିତା ମାନ୍ ହେଇଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପରିଷଦ୍ ସଭ୍ୟା ଆଶା ଜୈନ୍, ଶିକ୍ଷାବିତ୍ ତୁଳସୀରାମ୍ ମେହେର୍ ଆର୍ ଅଲ୍‌ଗା ମାନେ ଯୋଗ୍ ଦେଇଥିଲେ ।

ପାଣିପାଗ              ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ  ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ବନିଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍ ଅବପାତ ରୂପ ନେଇଛେ । ଇତାର୍ ବଲେ ଦକ୍ଷିଣ୍ ଓଡ଼ିଶା ନ ଜବର୍ ବର୍ଷା ଲାଗି ରହିଛେ । ଆଏବା ୩ ଦିନ୍‌ତକ୍ ରାଏଜେ ବର୍ଷା ଲାଗି ରହେବା ବଲି ପାଣିପାଗ କେନ୍ଦ୍ରର୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି କହିଛନ୍ ।

(ଭଏସ୍ ଓଭର୍- ମନୋରମା ମହାନ୍ତି)